# NATIONAL NEWS BULLETIN (ODIA)
## 25th January - 2026
## Evening Bulletin : 8.30 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମହେନ୍ଦ୍ର କୁମାର ମାଝୀ**

## ମୁଖ୍ୟ ସମ୍ବାଦ

- ବିଶ୍ୱସ୍ତରରେ ଅନିଶ୍ଚିତତା ସତ୍ତ୍ୱେ ଭାରତରେ ନିରନ୍ତର ଆର୍ଥିକ ବିକାଶ ଘଟୁଛି; କହିଲେ ରାଷ୍ଟ୍ରପତି ।

— ୭୭ତମ ଗଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ର ଉଦ୍ଦେଶ୍ୟରେ କଲେ ସମ୍ବୋଧନ ।

- 'ସ୍ୱତନ୍ତ୍ରତା କା ମନ୍ତ୍ର : ବନ୍ଦେ ମାତରମ୍' ଏବଂ 'ସମୃଦ୍ଧି କା ମନ୍ତ୍ର : ଆତ୍ମନିର୍ଭର ଭାରତ'ର ବାର୍ତ୍ତା ନେଇ ଆସନ୍ତାକାଲି ପାଳିତ ହେବ ଗଣତନ୍ତ୍ର ଦିବସ ।

- ଚଳିତବର୍ଷ' ୧୩୧ ଜଣ ପଦ୍ମ ପୁରସ୍କାର ପାଇଁ ମନୋନୀତ ।

— ଓଡ଼ିଶାରୁ ୩ ଜଣ ପାଇବେ ପଦ୍ମଶ୍ରୀ ପୁରସ୍କାର ।

- ଭାରତ’ ବିଶ୍ୱର ସର୍ବବୃହତ୍ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍ ପାଲଟିଛି; ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କହିଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ଜାରି; ୨-୦ରେ ଭାରତ ସିରିଜ୍ ଅଗ୍ରଣୀ ।

## ପ୍ରେଜ୍ - ଆଡ୍ରେସ୍

୭୭ତମ ଗଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଛନ୍ତି । ଦେଶବାସୀଙ୍କୁ ଜାତୀୟ ପର୍ବ ଗଣତନ୍ତ୍ର ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ରାଷ୍ଟ୍ରପତି କହିଛନ୍ତି, ଭାରତୀୟ ସମ୍ବିଧାନ ହେଉଛି ସର୍ବବୃହତ୍ ଗଣତନ୍ତ୍ରର ଆଧାର ଗ୍ରନ୍ଥ । ଏହା ଜାତୀୟତା ଏବଂ ଏକତାର ଭାବନା ସହ ସାମ୍ବିଧାନିକ ବ୍ୟବସ୍ଥାକୁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରୁଛି ।

ବିଶ୍ୱସ୍ତରରେ ଅନିଶ୍ଚିତତା ସତ୍ତ୍ୱେ ଭାରତରେ ନିରନ୍ତର ଆର୍ଥିକ ବିକାଶ ଘଟୁଛି । ଭବିଷ୍ୟତରେ ଦେଶ’ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥବ୍ୟବସ୍ଥା ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

***Voice (Prez - Economic)*** :.......

ଦେଶର ବିକାଶପାଇଁ ମହିଳା ସଶକ୍ତୀକରଣ ଏବଂ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷା ଏବଂ ଆର୍ଥିକ ସଶକ୍ତୀକରଣକୁ ଉନ୍ନତ କରିବାପାଇଁ ହେଉଥିବା ରାଷ୍ଟ୍ରୀୟ ପ୍ରୟାସ ଅନେକ କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀ ବୃଦ୍ଧି କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ବିକଶିତ ଭାରତ ନିର୍ମାଣରେ ନାରୀଶକ୍ତିର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବ ଏବଂ ଆମ ଦେଶ ମହିଳା-ପୁରୁଷ ସମାନତା ଆଧାରିତ ସମାବେଶୀ ଗଣତନ୍ତ୍ରର ଉଦାହରଣ ସୃଷ୍ଟି କରିବ । ଏହି ସାମଗ୍ରିକ ବିକାଶର ଚିନ୍ତାଧାରା ଲାଗି ଅବହେଳିତ ବର୍ଗଙ୍କ କଲ୍ୟାଣ ଓ ବିକାଶପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି ।

'ରାଷ୍ଟ୍ର ପ୍ରଥମ' ମନୋଭାବ ନେଇ କାର୍ଯ୍ୟ କରି ଗଣତନ୍ତ୍ରକୁ ଗୌରବଶାଳୀ କରିବାପାଇଁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ରିପବ୍ଲିକ୍ ଡେ ପରେଡ୍

ରାଷ୍ଟ୍ର ଆସନ୍ତାକାଲି ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରୁ ଜାତି ଉଦ୍ଦେଶ୍ୟରେ ଏହି

ପାଳନର ନେତୃତ୍ୱ ନେବେ । ଗଣତନ୍ତ୍ର ଦିବସ ପରେଡ୍ ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହେବ ଏବଂ ୯୦ ମିନିଟ୍ ଧରି ଚାଲିବ ।

ଚଳିତ ବର୍ଷ ଗଣତନ୍ତ୍ର ଦିବସରେ ବିଷୟବସ୍ତୁ ରହିଛି "ସ୍ୱତନ୍ତ୍ରତା କା ମନ୍ତ୍ର : ବନ୍ଦେ ମାତରମ୍" ଏବଂ "ସମୃଦ୍ଧି କା ମନ୍ତ୍ର : ଆତ୍ମନିର୍ଭର ଭାରତ" । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମ ଆରମ୍ଭ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କର୍ତ୍ତବ୍ୟ ପଥରେ ପହଞ୍ଚିବା ପରେ ମାର୍ଚ୍ଚପାଷ୍ଟ ମାଧ୍ୟମରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ । ଏଥିରେ ସେନାବାହିନୀର ଯବାନ, ଅର୍ଦ୍ଧ ସାମରିକ ବାହିନୀ, ବେସାମରିକ ବାହିନୀ, ଏନ୍.ସି.ସି. ଏବଂ ଏନ୍.ଏସ୍.ଏସ୍.ର ସଦସ୍ୟମାନେ ଅଂଶଗ୍ରହଣ କରିବେ । ଚଳିତ ବର୍ଷ ପରେଡ୍‌ରେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲିୟେନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ।

ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟର ୩୦ଟି ପ୍ରଜ୍ଞାପନ ମେଢ଼ ପରେଡ୍‌ରେ ପ୍ରଦର୍ଶିତ ହେବ । ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିର ସ୍ୱତନ୍ତ୍ର ଗାନ ଏବଂ ବିଭିନ୍ନ କ୍ଷେତ୍ରରେ ଭାରତର ଦ୍ରୁତ ପ୍ରଗତି ସମ୍ପର୍କିତ ଦୃଶ୍ୟ ଏହି ପ୍ରଜ୍ଞାପନ ମେଢ଼ରେ ସ୍ଥାନ ପାଇବ । ତିନି ବାହିନୀ ପକ୍ଷରୁ "ଅପରେସନ ସିନ୍ଦୂର : ମିଳିତ ଉଦ୍ୟମରେ ବିଜୟ" ସମ୍ପର୍କରେ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ଼

ପ୍ରଦର୍ଶିତ ହେବ । ଏହା ଭାରତୀୟ ସେନା, ନୌବାହିନୀ ଏବଂ ଆକାଶ ବାହିନୀର ମିଳିତ ଶକ୍ତି, ସଂହତି ଏବଂ ସଦ୍‌ଭାବନାକୁ ସୂଚାଇ ଥାଏ । ସେନାର ୧୮ଟି ମାର୍ଚ୍ଚିଂ ଦଳ ଏବଂ ୧୩ଟି ବ୍ୟାଣ୍ଡ୍ ଦଳ ଏହି ପରେଡ୍‌ରେ ସାମିଲ୍ ହେବେ । ପ୍ରଥମ ଥର ଲାଗି ସେନାଦ୍ୱାରା ରଣକୌଶଳ ପ୍ରଦର୍ଶିତ ହେବ । ୨୯ଟି ଯୁଦ୍ଧବିମାନ ଉଡ଼ାଣ କରାଯାଇ କାର୍ଯ୍ୟକ୍ରମ ସମାପ୍ତ ହେବ । ଯୁଦ୍ଧବିମାନରେ Su-30, C-295, Mig-29, Apache ଏବଂ ରାଫେଲ୍ ଆଦି ସ୍ଥାନ ପାଇଛି । ଦେଶପ୍ରତି ସମ୍ମାନ ଜଣାଇ ୨ ହଜାର ୫୦୦ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ । ୫୩ଟି ବର୍ଗରେ ୧୦ ହଜାର ସ୍ୱତନ୍ତ୍ର ଅତିଥି ଏହି କାର୍ଯ୍ୟକ୍ରମରେ ଭାଗ ନେବେ ।

## ପଦ୍ମଶ୍ରୀ

ଚଳିତ ବର୍ଷ ଭାରତର ସମ୍ମାନଜନକ ବେସାମରିକ ପଦ୍ମ ପୁରସ୍କାର-୨୦୨୬ ଘୋଷଣା କରାଯାଇଛି । ରାଷ୍ଟ୍ରପତି ଏହାକୁ ଅନୁମୋଦନ କରିଛନ୍ତି । ୧୩୧ ଜଣ ପଦ୍ମ ପୁରସ୍କାର ଲାଗି ମନୋନୀତ ହୋଇଛନ୍ତି । ସେଥିମଧ୍ୟରେ ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ ପାଇଁ ଚୟନ କରାଯାଇଛି । ୧୯

ଜଣ ମହିଳା ଏବଂ ୧୬ ଜଣଙ୍କୁ ମରଣୋତ୍ତର ଭାବେ ପଦ୍ମ ପୁରସ୍କାର ପ୍ରଦାନ କରାଯିବ ।

ପ୍ରଖ୍ୟାତ ଅଭିନେତା ସ୍ୱର୍ଗତ ଧର୍ମେନ୍ଦ୍ର ସିଂହ ଦେଓଲ୍‌ଙ୍କୁ ଚଳଚିତ୍ର ଜଗତରେ ଉଲ୍ଲେଖନୀୟ ଅବଦାନପାଇଁ ତାଙ୍କୁ ମରଣୋତ୍ତର ଭାବେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯିବ । କେରଳର କେ.ଟି. ଥୋମାସ୍‌ଙ୍କୁ ସାଧାରଣ ବ୍ୟାପାର, କଳାପାଇଁ ଉତ୍ତର ପ୍ରଦେଶର ଏନ୍. ରାଜନ୍ ଏବଂ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନପାଇଁ କେରଳର ପି. ନାରାୟଣନ୍, କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭି.ଏସ୍. ଅଚ୍ୟୁତନନ୍ଦନଙ୍କୁ ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣପାଇଁ ମନୋନୀତ କରାଯାଇଛି ।

ସେହିପରି ପ୍ରଖ୍ୟାତ କଣ୍ଠଶିଳ୍ପୀ ଅଲକା ୟାଗ୍‌ନିକ୍, ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଗତ୍‌ସିଂହ କୋଶିୟାରୀ, କେରଳର ପ୍ରଖ୍ୟାତ ଅଭିନେତା ମାମୁଟୀଙ୍କୁ ପଦ୍ମଭୂଷଣ ପ୍ରଦାନ କରାଯିବ ।

ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଓଡ଼ିଶାର ମହେନ୍ଦ୍ର କୁମାର ମିଶ୍ର ଏବଂ ଚରଣ ହେମ୍ବ୍ରମ୍, କଳା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ଲାଗି ମନୋନୀତ ହୋଇଛନ୍ତି ।

# ମନ୍ କୀ ବାତ୍

ଭାରତ ଆଜି ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାଟ୍ଅପ୍ ଇକୋ ସିଷ୍ଟମ ପାଲଟିଛି। ପ୍ରଯୁକ୍ତିବିଦ୍ୟା, ମହାକାଶ, ପରମାଣୁଶକ୍ତି, ସବୁଜ ହାଇଡ୍ରୋଜେନ୍, ବାୟୋ ଟେକ୍ନୋଲୋଜି ଆଦି ବିଭିନ୍ନ କ୍ଷେତ୍ରରେ ଷ୍ଟାଟ୍ଅପ୍‌ଗୁଡିକ ଉତ୍କର୍ଷତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି । ୨୦୧୬ ଜାନୁଆରୀ ମାସରେ ଦେଶରେ ଷ୍ଟାଟ୍ଅପ୍ ଇଣ୍ଡିଆ ଅଭିଯାନ ଆରମ୍ଭ କରାଯାଇଥିଲା ।

ପ୍ରଧାନମନ୍ତ୍ରୀ’ ଶିଳ୍ପ ଏବଂ ଷ୍ଟାଟ୍ଅପ୍ ଉଦ୍ୟୋଗ ସହିତ ସାମିଲ ଯୁବବର୍ଗଙ୍କୁ ଗୁଣବତ୍ତା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଭାରତର ଅର୍ଥନୀତି ଦ୍ରୁତ ପ୍ରଗତି ପଥରେ ଗତି କରୁଛି । ତେବେ ଉତ୍ପାଦିତ ହେଉଥିବା ସାମଗ୍ରୀଗୁଡ଼ିକର ଗୁଣବତ୍ତାକୁ ଉନ୍ନତ କରିବାପାଇଁ ସଂକଳ୍ପବଦ୍ଧ ହେବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ବୟନଶିଳ୍ପ, ପ୍ରଯୁକ୍ତିବିଦ୍ୟା, ଇଲେକ୍ଟ୍ରୋନିକ୍ସ ଏବଂ ପ୍ୟାକେଜିଂ ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚ ଗୁଣବତ୍ତା ବଜାୟ ରଖାଯିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଜାତୀୟ ମତଦାତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମତଦାତା ହେଉଛନ୍ତି ଗଣତନ୍ତ୍ରର ଆତ୍ମା ସଦୃଶ । ପ୍ରଥମଥର ପାଇଁ ଭୋଟର ତାଲିକାରେ ସାମିଲ ହୋଇଥିବା ଯୁବବର୍ଗଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇବା

ଉଚିତ । ଏହାଦ୍ୱାରା ଭୋଟ୍ ଦେବାନେଇ ସଚେତନତା ବୃଦ୍ଧି ପାଇବା ସହ ଭୋଟର ହେବାର ଗୁରୁତ୍ୱପୂର୍ଣ୍ଣ ଭାବନାକୁ ପ୍ରତିଫଳନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଇ.ୟୁ. - ଲିଡର୍ସ ଭିଜିଟ୍

ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଦା କୋଷ୍ଟାଙ୍କୁ ଆଜି ନୂଆଦିଲ୍ଲୀର ବିମାନ ବନ୍ଦରଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଗତକାଲି ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଦେର୍ ଲିୟେନ୍ ଏବଂ ୟୁରୋପୀୟ ସଂଘର ବୈଦେଶିକ ବ୍ୟାପାର ଓ ସୁରକ୍ଷା ନୀତି ପ୍ରତିନିଧି କାଜା କାଲାସ୍ ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଥିଲେ । ଏହି ଗସ୍ତକାଳରେ ସେମାନେ ଆସନ୍ତା ଭାରତ-ୟୁରୋପୀୟ ସଙ୍ଘ ରଣନୀତି ଭାଗିଦାରିତା ନେଇ ଆଲୋଚନା କରିବେ । ଭାରତ ଏବଂ ୟୁରୋପୀୟ ସଂଘ' ଆପୋଷ ବୁଝାମଣା ସହ ଭାଗିଦାରିତା ସମ୍ପର୍କକୁ ତ୍ୱରାନ୍ୱିତ କରିବା ଉପରେ ମତ ବିନିମୟ କରିଛନ୍ତି । ଆସନ୍ତା ଭାରତ-ୟୁରୋପୀୟ ସଂଘ ସମ୍ମିଳନୀ ଏବଂ ଚାଲିଥିବା ମୁକ୍ତ ବାଣିଜ୍ୟ ବୁଝାମଣା ସମ୍ପର୍କରେ ଉଭୟ ଭାରତୀୟ କର୍ତ୍ତୃପକ୍ଷଙ୍କ ସହ ମତ ବିନିମୟ କରିଛନ୍ତି । ୨୦୨୪ ସୁଦ୍ଧା ୟୁରୋପୀୟ ସଂଘ ରାଷ୍ଟ୍ରରେ ୯ ଲକ୍ଷ ୩୧ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ବସବାସ କରୁଛନ୍ତି । ସେମାନଙ୍କ

ମଧ୍ୟରେ ୧୬ ହଜାରରୁ ଊର୍ଦ୍ଧ୍ୱ ବ୍ଲୁକାର୍ଡ଼ ଧାରୀ ଅଛନ୍ତି । ୟୁରୋପୀୟ ସଂଘ ନେତାଙ୍କ ଏହି ଭାରତ ଗସ୍ତ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସମ୍ପର୍କ ଏବଂ ବୈଶ୍ୱିକ ଓ ୟୁରୋପୀୟ ରଣନୀତିକୁ ଅଧିକ ସୁଦୃଢ଼ କରିବ ବୋଲି ସରକାରଙ୍କ ଲକ୍ଷ୍ୟ ରହିଛି ।

## ଗୋୟଲ୍ - ଇ.ୟୁ.

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟଷ ଗୋୟଲ୍ କହିଛନ୍ତି, ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବର୍ଷ ବର୍ଷ ଧରି ଜାରି ରହିଥିବା ଦୀର୍ଘସ୍ଥାୟୀ ଏବଂ ଗଠନମୂଳକ କାର୍ଯ୍ୟଧାରା ଉଭୟ ଦେଶ ମଧ୍ୟରେ ସମ୍ପର୍କକୁ ନିବିଡ଼ ଏବଂ ଫଳପ୍ରଦ କରିପାରିଛି । ୟୁରୋପୀୟ ବାଣିଜ୍ୟ କମିଶନର୍ ମାରୋସ୍ ସେଫ୍‌କୋଭିକ୍'ଙ୍କୁ ସ୍ୱାଗତ ଜଣାଇ ଶ୍ରୀ ଗୋୟଲ୍ ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ୟୁରୋପୀୟ ସଂଘ' ଭାରତର ଏକ ପ୍ରମୁଖ ଅର୍ଥନୈତିକ ଏବଂ ରଣନୈତିକ ଭାଗିଦାରୀ । ଭାରତ ଓ ୟୁରୋପୀୟ ସଂଘ ମହତ୍ୱାକାଂକ୍ଷୀ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ବୁଝାମଣାକୁ ଅଧିକ ସମୃଦ୍ଧ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ଥିବା ଶ୍ରୀ ଗୋୟଲ୍ ସୂଚନା ଦେଇଛନ୍ତି ।

## ଇଣ୍ଡିଆ-ୟୁ.ଏସ୍. କଂଗ୍ରେସ

ଭାରତ ଓ ଆମେରିକା ମଧ୍ୟରେ ଆଜି ଉଭୟ ଦେଶ ସହ ଦୃଢ଼ ସମ୍ପର୍କ ସ୍ଥାପନ, ଭାରତ-ଭୂମଧ୍ୟ ସାଗରୀୟ ଅଞ୍ଚଳ ଉତ୍ତେଜନା ଏବଂ ୟୁକ୍ରେନ ବିବାଦ ସମ୍ପର୍କରେ ଆଲୋଚନା ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଆମେରିକା ପ୍ରତିନିଧି ଦଳ ସହ ଏହି ଆଲେଚାନା ଦୁଇ ଦେଶ ମଧ୍ୟରେ ସମ୍ପର୍କ ସ୍ଥାପନର ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚାଉଛି । ଆମେରିକାର ଏହି ପ୍ରତିନିଧି ଦଳରେ ମାଇକ୍ ରୋଜର୍ସ, ଆଡାମ୍ ସ୍ମିଥ୍, ଜିମ୍ମି ପାଟ୍ରୋନିସ୍ଙ୍କ ସହ ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସାମିଲ୍ ଅଛନ୍ତି ।

## କ୍ରିକେଟ୍ - ଟି-ଟ୍ୱେଣ୍ଟି

ଗୁଆହାଟୀର ବର୍ଷାପାରାସ୍ଥିତ ଏ.ସି.ଏ. ଷ୍ଟାଡିୟମ୍‌ଠରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୧୯ ଓଭରରେ ୯ ୱିକେଟ୍ ହରାଇ ୧୪୫ ରନ୍ ସଂଗ୍ରହ କରିଛି । ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି

ନେଇଥିଲା । ଏହି ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ଭାରତ ୨-୦ରେ ଅଗ୍ରଣୀ ରହିଛି ।

*****